# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 April - 2026

****************************************

## ମୁଖ୍ୟ ସମ୍ବାଦ

- ମୁଦ୍ରା ଯୋଜନା ଯୁବବର୍ଗଙ୍କ ମଧ୍ୟରେ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବାରେ ଲାଭଦାୟକ ସାବ୍ୟସ୍ତ ହୋଇଛି; ୧୧ ବର୍ଷ ପୂର୍ତ୍ତି ଅବସରରେ କହିଲେ ପ୍ରଧାନମନ୍ତ୍ରୀ

- ଖୋର୍ଦ୍ଧା ଭୂଇଁପୁରଠାରେ ୪୦ ହଜାର ୮୧୧ କୋଟି ଟଙ୍କାର ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ବାହାର ରତ୍ନଭଣ୍ଡାର ଅଳଙ୍କାରର ଚାଲିଛି ଗଣତି-ମଣତି

ଏବଂ

- କାଳବୈଶାଖୀ ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝଡବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ମୁଦ୍ରା ଯୋଜନା

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଆଜି ୧୧ ବର୍ଷ ପୂରଣ କରିଛି । ଏହା ୨୦୧୫ ଏପ୍ରିଲ୍ ୮ ତାରିଖରେ ଶୁଭାରମ୍ଭ ହୋଇଥିଲା । କେନ୍ଦ୍ର ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଅଣୁ ଉଦ୍ୟୋଗ ଓ ଯୁବ ବ୍ୟବସାୟୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପାଇଁ  ସେମାନଙ୍କ ଉଦ୍ୟୋଗିକ ବିକାଶ ଦିଗରେ ବିଶେଷ ସହାୟକ ହୋଇଆସିଛି ।

ଯୁବବର୍ଗଙ୍କ ମଧ୍ୟରେ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବାରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅତ୍ୟନ୍ତ ଲାଭଦାୟକ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ କରାଗଲେ ସେମାନେ ଆତ୍ମନିର୍ଭର ହେବା ସହ ଦେଶର ପ୍ରଗତିରେ ଉଲ୍ଲେଖନୀୟ ଅବଦାନ ଦେଇପାରିବେ  ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

ମୁଦ୍ରା ଯୋଜନାରେ ଅଣୁ, କ୍ଷୁଦ୍ର ଏବଂ ଅନ୍ୟ ଶିଳ୍ପଗୁଡ଼ିକୁ ବିନା ବନ୍ଧକରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ସଂପୃକ୍ତ ଯୋଜନାରେ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସାମିଲ କରିବା ଉଦ୍ଦେଶ୍ୟରେ ଋଣ ଦିଆଯାଇଥାଏ ।

ଯୋଜନାରେ ଅନେକଗୁଡ଼ିଏ ବର୍ଗ ପାଇଁ ଋଣ ବ୍ୟବସ୍ଥା କରାଯାଇଛି । ଏଥିରେ ଶିଶୁବର୍ଗ ବାବଦରେ ସର୍ବାଧିକ ୫୦ ହଜାର ଟଙ୍କା ଋଣ ଦିଆଯାଉଥିବାବେଳେ କିଶୋର ବର୍ଗରେ ୫୦ ହଜାରରୁ ୫ଲକ୍ଷ, ତରୁଣବର୍ଗରେ ୫ ଲକ୍ଷରୁ ୧୦ ଲକ୍ଷ ଏବଂ ତରୁଣ ପ୍ଲସ୍ ବର୍ଗରେ ୧୦ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ମୁଦ୍ରା ଋଣ ନେଇଥିବା ଗ୍ରାହକଙ୍କ ମଧ୍ୟରେ ୭୦ ପ୍ରତିଶତରୁ ଅଧିକ ମହିଳା ଉଦ୍ୟୋଗୀ ଅଛନ୍ତି । ୫୦ ପ୍ରତିଶତରୁ ଅଧିକ ମୁଦ୍ରାଋଣ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଉଦ୍ୟୋଗୀଙ୍କୁ ପ୍ରଦାନ କରାଯାଇଛି ।

୨୦୧୫-୧୬ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩୪ କୋଟିରୁ ଅଧିକ ହିତାଧିକାରୀଙ୍କୁ ୧୩ ଲକ୍ଷ କୋଟିରୁ ଅଧିକ ଟଙ୍କା ଋଣ ପ୍ରଦାନ କରାଯାଇଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ଋଣ ଗ୍ରହିତାଙ୍କ ସଂଖ୍ୟା ୪୭ କୋଟି ଅତିକ୍ରମ କରିଛି।

ମୁଦ୍ରା ଯୋଜନାରେ ୪୦ ଲକ୍ଷ କୋଟି ଟଙ୍କାର ପାଖାପାଖି ୫୮ କୋଟି ଋଣ ସହାୟତା ଯୋଗାଇ ଦିଆଯାଇଛି । ସେଥିମଧ୍ୟରୁ ଦୁଇତୃତୀୟାଂଶ ମହିଳା ଉଦ୍ୟୋଗୀଙ୍କୁ ପ୍ରଦାନ କରାଯାଇଛି । ସାମଗ୍ରିକ ଋଣର ପ୍ରାୟ ଏକପଞ୍ଚମାଂଶ ପ୍ରଥମଥର ପାଇଁ ଉଦ୍ୟୋଗୀ ହୋଇଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି ।

ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା କ୍ରମାଗତ ଭାବେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ତୃଣମୂଳସ୍ତରର ଅଭିନବତ୍ୱକୁ ସୁଦୃଢ଼ କରିବାରେ ବିଶେଷ ଯୋଗଦାନ ରଖିଆସିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ମୁଖ୍ୟମନ୍ତ୍ରୀ

ଓଡ଼ିଶା ଏକ ପୂର୍ଣ୍ଣ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଉଭା ହୋଇ ଭାରତବର୍ଷରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଭୂଇଁପୁରଠାରେ ଆଜି ୪୦ ହଜାର ୮୧୧ କୋଟି ଟଙ୍କାର ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟକୁ ଶିଳ୍ପର ପେଣ୍ଠସ୍ଥଳି କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏକ ନିର୍ଦ୍ଦିଷ୍ଟ ଶିଳ୍ପାୟନ ଲକ୍ଷ୍ୟରେ ରାଜ୍ୟ ଅଗ୍ରଗତି କରୁଛି।

ଆଗାମୀ ଦଶନ୍ଧୀ ଯୁବବର୍ଗଙ୍କ ପାଇଁ ସୁବର୍ଣ୍ଣ ଯୁଗର ଅୟମାରମ୍ଭ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ପୂରଣ ପାଇଁ ସରକାର ସମସ୍ତ ଜିଲ୍ଲାରେ ଶିଳ୍ପ ପ୍ରକଳ୍ପ ସହିତ ରୋଜଗାର ସୁଯୋଗ ସୃଷ୍ଟି କରୁଛନ୍ତି। ଆଜିର ଏହି ଶିଳାନ୍ୟାସ ଓ ଶୁଭାରମ୍ଭ ଫଳରେ ୫୯ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ନୂଆ ସରକାରର ଗତ ୨୧ ମାସ ମଧ୍ୟରେ ଅଢ଼େଇ ଲକ୍ଷ କୋଟି ଟଙ୍କାର ନଅଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଯାଇଛି ।

ଚଳିତ ବଜେଟ୍‌ରେ ଭିତ୍ତିଭୂମିର ବିକାଶ ପାଇଁ ସରକାର ୭୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଯୁବବର୍ଗଙ୍କ ଦକ୍ଷତା ଉପରେ ସରକାର ଗୁରୁତ୍ୱ ଦେବା ସହିତ ଶିଳ୍ପପତି ଓ ନିବେଶକଙ୍କ ପାଇଁ ଏକ ସୁରକ୍ଷିତ ଓ ଅନୁକୂଳ ପରିବେଶ ସୃଷ୍ଟି କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।

କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତାବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରେପୋ ରେଟ୍

ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାରକୁ ୫ ଦଶମିକ ୨/୫ ପ୍ରତିଶତ ଅପରିବର୍ତ୍ତିତ ରଖିଛନ୍ତି । ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୁଦ୍ରା ନୀତି କମିଟିର ତିନିଦିନିଆ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଆରବିଆଇର ଏହି ନିଷ୍ପତ୍ତି ଫଳରେ ବ୍ୟାଙ୍କଗୁଡ଼ିକ ସୁଧହାରରେ କୌଣସି ପରିବର୍ତ୍ତନ କରିବେ ନାହିଁ ।

## ରତ୍ନଭଣ୍ଡାର

**ପୁରୀ** ଶ୍ରୀମନ୍ଦିରର ବାହାର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତି-ମଣତି ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ଆସନ୍ତା ଶନିବାର ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଗଣତି-ମଣତି ପ୍ରକ୍ରିୟା ଚାଲୁ ରହିବ । ୧୩ ତାରିଖ ସୋମବାର ଏବଂ ୧୬ ତାରିଖରୁ ୧୮ ତାରିଖ ଯାଏଁ ଗଣତି-ମଣତି କାର୍ଯ୍ୟ କରାଯିବ । ଶ୍ରୀଜୀଉଙ୍କ ବାହାର ରତ୍ନଭଣ୍ଡାରରେ ଅନେକ ଦୁର୍ଲଭ ରତ୍ନ ଅଳଙ୍କାର ଥିବାରୁ ସ୍ୱଚ୍ଛତାର ସହିତ ଗଣତି-ମଣତି କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଉଛି ବୋଲି ଗଣତି-ମଣତି କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି...

**- V/O -**

ସ୍ନାନଯାତ୍ରା ପୂର୍ବରୁ ରତ୍ନଭଣ୍ଡାର ଗଣନା ଓ ଯାଞ୍ଚ ପ୍ରକ୍ରିୟା ସମାପ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଏହି ଗଣନାକୁ ୧୯୭୮ ମସିହାର ତଥ୍ୟ ସହିତ ମେଳ କରାଯିବ । ସେଥିପାଇଁ ଆଧୁନିକ ପ୍ରଣାଳୀକୁ ଅନୁସରଣ କରି ଡିଜିଟାଲ ଫଟୋଗ୍ରାଫି ମାଧ୍ୟମରେ ସମସ୍ତ ସମ୍ପଦର ରେକର୍ଡ ସଂରକ୍ଷଣ କରାଯିବ । ଏହା ସହିତ ଦୀର୍ଘ ସମୟ ପାଇଁ ସୁରକ୍ଷିତ ରଖାଯିବାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

## କନିଷ୍ଠ ସହାୟକ ନିଯୁକ୍ତି

ରାଜ୍ୟର ରାଜସ୍ୱ ସେବାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ସରକାରଙ୍କ ଦ୍ୱାରା ୧ ହଜାର ୩୬୩ କନିଷ୍ଠ ରାଜସ୍ୱ ସହାୟକଙ୍କୁ ସିଧାସଳଖ ନିଯୁକ୍ତି କରାଯିବ। ନିଯୁକ୍ତି ନିମନ୍ତେ ଅର୍ଥବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏହି ମର୍ମରେ ଚିଠି ଲେଖି ଜିଲ୍ଲାପାଳମାନଙ୍କୁ ଅବଗତ କରାଇଛନ୍ତି। ଜିଲ୍ଲାଭିତ୍ତିକ ଖାଲି ଥିବା ପଦବୀ ସହିତ ଅନୁସୂଚିତ ଜାତି, ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ ସହ ମହିଳା, ଦିବ୍ୟାଙ୍ଗ ଓ କ୍ରୀଡାବିତ୍‌ଙ୍କ ପାଇଁ ଆବଶ୍ୟକୀୟ ସଂରକ୍ଷଣ ରଖିବା ନିମନ୍ତେ ଚିଠିରେ ଉଲ୍ଲେଖ ରହିଛି।

## ପିଜି ପ୍ରବେଶିକା

ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା ଆସନ୍ତା ମଇ ମାସ ୫ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରାଜ୍ୟ ପ୍ରବରଣ ମଣ୍ଡଳୀ-ଷ୍ଟେଟ୍ ସିଲେକ୍ସନ ବୋର୍ଡ ପକ୍ଷରୁ କୁହାଯାଇଛି। ଚଳିତ ମାସ ୩୦ ତାରିଖରୁ ଛାତ୍ରଛାତ୍ରୀମାନେ ssbodisha.ac.in ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ। ସମୁଦାୟ ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ୩୧ ହଜାର ୯୧୫ଟି ପିଜି ସିଟ୍ ପାଇଁ ୫୮ ହଜାର ୭୦୮ ଜଣ

ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ପ୍ରତ୍ୟେକ ଦିନ ଦୁଇଟି ସିଫ୍ଟରେ ପରୀକ୍ଷା ହେବ। ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ମାର୍କ ଆଧାରରେ ଚୟନ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ରକ୍ତଦାନ ଦିବସ

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ଆଜି ରକ୍ତଦାନ ଦିବସର ଆୟୋଜନ କରାଯାଉଛି । ଏହି ଉପଲକ୍ଷେ ଜିଲ୍ଲା ସଦରମହକୁମାରେ ଥିବା ମହାବିଦ୍ୟାଳୟ ଏବଂ ସମସ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଓ ଏହା ଅଧୀନରେ ଥିବା ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତଦାନ ଶିବିରମାନ କରାଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱେଚ୍ଛାକୃତ ରକ୍ତଦାନ କରି ରାଜ୍ୟରେ ରକ୍ତଦାନ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ ହେଉଛି।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଅଧିକାରୀ, ଭାରପ୍ରାପ୍ତ କୁଳପତି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

**କେନ୍ଦ୍ରାପଡା** ଜିଲ୍ଲା ଡେରାବିଶି ମହାବିଦ୍ୟାଳୟ ଓ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୦୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ କରାଯାଇଛି ।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡ୍‌କ୍ରସ୍ ଶାଖା ପକ୍ଷରୁ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବବର୍ଗଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ ।

**ଭଦ୍ରକ** ଜିଲ୍ଲା ଗେଲପୁରସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ରକ୍ତଦାନ ଅଭିଯାନକୁ ସାଂସଦ ଅଭିମନ୍ୟୁ ସେଠୀ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅଭିଯାନରେ ସାମିଲ ହୋଇ ରକ୍ତଦାନ କରିଛନ୍ତି । ଶିବିରରେ ୧ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।

**ନବରଙ୍ଗପୁର** ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ସାର୍ଟିଫିକେଟ ଦେଇଥିଲେ ।

## ନିରକ୍ଷଣ ସାଥୀ

**ଗଞ୍ଜାମ** ଜିଲ୍ଲାରେ ଆସନ୍ତା ୧୫ ତାରିଖରୁ **ନିରକ୍ଷଣ ସାଥୀ** କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଜିଲ୍ଲାପାଳ ଭି. କିର୍ତ୍ତି ଭାସନ କହିଛନ୍ତି। ଦୁର୍ଗମ ଅଂଚଳରେ ରହୁଥିବା ଗର୍ଭବତୀ ମହିଳାମାନେ ସହଜରେ ଏବଂ ବିନା ମୂଲ୍ୟରେ ଡାକ୍ତରଖାନାରେ ପହଞ୍ଚିପାରିବେ, ସେଥିପାଇଁ ନିରକ୍ଷଣ ସାଥୀ ନାମକ ଏକ ଆପ୍ ପ୍ରସ୍ତୁତ କରାଯାଇଛି। ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ପାତ୍ରପୁର, ଧରାକୋଟ, ସୋରଡା ଭଳି ବ୍ଲକ୍‌ର ୨୫୦ଟି ଦୁର୍ଗମ ଗାଁର ମହିଳାମାନେ ଏହି ସୁବିଧାର ଲାଭ ନେଇପାରିବେ।

# ପାଣିପାଗ

ଚଳିତ ବର୍ଷ ମୌସୁମୀ ଋତୁରେ ଦେଶରେ ସ୍ୱାଭାବିକ ବର୍ଷା ହେବ ବୋଲି ବିଭିନ୍ନ ଅନ୍ତର୍ଜାତୀୟ ପାଣିପାଗ ସଂସ୍ଥାମାନେ ଦୀର୍ଘକାଳୀନ ଆକଳନ କରିଛନ୍ତି। ମୌସୁମୀ ମଇ ମାସ ୩୧ ତାରିଖରୁ ଜୁନ୍ ମାସ ୨ ତାରିଖ ମଧ୍ୟରେ କେରଳ ଛୁଇଁବ ଏବଂ ଜୁନ୍ ୧୦ ତାରିଖଠାରୁ ୧୫ ତାରିଖ ମଧ୍ୟରେ ଓଡ଼ିଶା ଛୁଇଁବା ନେଇ ପାଣିପାଗ ସଂସ୍ଥାମାନେ ଅନୁମାନ କରିଛନ୍ତି। ରାଜ୍ୟରେ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, କାଳବୈଶାଖୀ ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ,

କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ଘଡ଼ଘଡ଼ି ସହ ଅଧିକ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଅନୁମାନ କରିଛି ।